# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 23 Morning – 2024

## ମାଓ ପ୍ରଭାବିତ ରାଜ୍ୟ

ଦେଶର ୮ଟି ରାଜ୍ୟର ୩୮ଟି ଜିଲ୍ଲାରେ ମାଓବାଦୀଙ୍କର ପ୍ରଭାବ ରହିଛି ବୋଲି ଗୃହ ମନ୍ତ୍ରଣାଳୟର ଏକ ତଥ୍ୟରୁ ଜଣାପଡ଼ିଛି । ସର୍ବାଧିକ ମାଓପ୍ରବଣ ରାଜ୍ୟ ତାଲିକାରେ ଆନ୍ଧ୍ରପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ଓଡ଼ିଶା ୭ ନମ୍ବର ସ୍ଥାନରେ ରହିଛି ବୋଲି ଗୃହମନ୍ତ୍ରଣାଳୟର ବର୍ଗୀକରଣ ତାଲିକାରେ କୁହାଯାଇଛି ।

## ନାମଲେଖା

ଶିକ୍ଷା ଅଧିକାର ଆଇନ ଅଧୀନରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣା ଶିକ୍ଷା ଦେବା କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟର ୧୭ ହଜାର ୨୩୫ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗଣଶିକ୍ଷା ବିଭାଗର ସୂଚନା ଅନୁସାରେ ଏହି ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଚଳିତମାସ ୨୭ ତାରିଖରୁ ଆସନ୍ତା ଏପ୍ରିଲ୍ ମାସ ୬ ତାରିଖ ମଧ୍ୟରେ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇ ପାରିବେ । ରାଜ୍ୟର ୩ ହଜାର ୩୩୧ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ମୋଟ୍ ୪୧ ହଜାର ୩୩୩ଟି ସିଟ୍ ସଂରକ୍ଷିତ ରଖାଯାଇଛି । ହେଲେ ନାମ ଲେଖାଇବା ପାଇଁ

୩୦ ହଜାର ୪୨୩ ଜଣ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଆବେଦନ କରିଥିଲେ । ଯୋଗ୍ୟତା ଏବଂ ପ୍ରମାଣପତ୍ର ଯାଞ୍ଚ ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ୨୩୫ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି ।

## ମେୟର – ବାଲିଯାତ୍ରା

କଟକର ଐତିହାସିକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ପଦକ୍ଷେପ ନେବା ଆରମ୍ଭ ହୋଇଛି । କଟକ ମେୟର ସୁବାସ ସିଂ କଟକ ବାଲିଯାତ୍ରା ବାବଦରେ ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କ ଠାରୁ ଅଧିକ ତଥ୍ୟ ଲୋଡ଼ିଛନ୍ତି । କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘର ସଂସ୍କୃତି ଓ ଐତିହ୍ୟ ଅନୁଷ୍ଠାନ- ୟୁନେସ୍କୋ ନିକଟରେ ବାଲିଯାତ୍ରା ସମ୍ବନ୍ଧିତ ସମସ୍ତ ତଥ୍ୟ ଉପସ୍ଥାପନ କରାଯିବ ବୋଲି  ମେୟର ଶ୍ରୀ ସିଂ କହିଛନ୍ତି ।

## ଆର୍ଥ ଆୱ୍ୱାର ଡେ

ଶକ୍ତି ସଂଚୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନିମନ୍ତେ ଆଜି ସାରା ବିଶ୍ୱରେ ରାତି ସାଢ଼େ୮ଟାରୁ ସାଢ଼େ୯ଟା ମଧ୍ୟରେ ଆର୍ଥ୍ ଆୱ୍ୱାର୍ ପାଳନ କରାଯିବ । ୱ୍ୱାର୍ଲଡ ୱ୍ୱାଇଡ୍ ଫଣ୍ଡ୍ ଫର ନେଚର୍ ସଂସ୍ଥା ପକ୍ଷରୁ ୨୦୦୭ ମସିହାରୁ  ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ବର୍ତ୍ତମାନ ୧୮୮ରୁ ଅଧିକ ଦେଶ **ଆର୍ଥ ଆୱ୍ୱାର୍ ଡେ** ରେ ସାମିଲ ହୋଇଛନ୍ତି। ୧ ଘଣ୍ଟା ପାଇଁ ବିଦ୍ୟୁତ ବ୍ୟବହାର ବନ୍ଦ କରି ଶକ୍ତି ସଂଚୟ କରିବା ଏହି ଅଭିନବ ଉପାୟକୁ ଆର୍ଥ ଆୱ୍ୱାର ଡେ କୁହାଯାଏ । ସୂଚନା ଅନୁସାରେ ଗତବର୍ଷ ୧୮୮ରୁ

ଅଧିକ ଦେଶର ୧୯୦ ନିୟୁତରୁ ଅଧିକ ଲୋକ ଆର୍ଥ ଆୱାର ଡେ’ ପାଳନ କରିଥିଲେ । ଆର୍ଥ ଆୱାର ଡେ ଅବସରରେ ଘର, ଦୋକାନ, କାର୍ଯ୍ୟାଳୟରେ ଆଜି ଏକଘଣ୍ଟା ପାଇଁ ବିଦ୍ୟୁତ୍ ବ୍ୟବହାର ବନ୍ଦ କରିବା ପାଇଁ ସଂସ୍ଥା ତରଫରୁ ନିବେଦନ କରାଯାଇଛି ।

# ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା । ଏହାକୁ ମନେ ରଖିବା ପାଇଁ ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ଗବେଷଣା, ବନ୍ୟା, ବାତ୍ୟା, ଭୂମିକମ୍ପ ଏବଂ ବାୟୁମଣ୍ଡଳରେ ହେଉଥିବା ପରିବର୍ତ୍ତନ ଆଦି ବିଷୟଗୁଡ଼ିକ ଉପରେ ବିଶ୍ୱ ପାଣିପାଗ ସଂଗଠନ ନିରନ୍ତର ଭାବେ ଗବେଷଣା ଜାରି ରଖିଛି । ବିଭିନ୍ନ ଦେଶରେ ପାଣିପାଗ ଦିବସ ପାଳନ ଅବସରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସହିତ ବୈଜ୍ଞାନିକମାନେ ସେମାନଙ୍କର ସୁଚିନ୍ତିତ ବିଚାରଧାରାକୁ ଉପସ୍ଥାପିତ କରିଥାନ୍ତି ।

# ପର୍ଯ୍ୟଟନ

ରାଜ୍ୟରେ ପରିବେଶ ପର୍ଯ୍ୟଟନକୁ ବ୍ୟାପକ କରିବା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଯୋଜନା ପ୍ରସ୍ତୁତ କରୁଥିବା

ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ କୋରାପୁଟ ଜିଲ୍ଲାର ଦେଓମାଳୀ ପାହାଡ଼, ନୟାଗଡ଼ର ସିଦ୍ଧମୂଳା, ଗଜପତିର ମହେନ୍ଦ୍ରଗିରି ପାହାଡ଼, କଳାହାଣ୍ଡିର ଜାକାମ, ମୟୂରଭଞ୍ଜର ନଓ୍ୱାନ୍, ବୌଦ୍ଧର କୁଲାରୀଗୁଡ଼ ଏବଂ କଟକ ଜିଲ୍ଲା ସାତକୋଶିଆ ଡିଭିଜନର ବାଲିପୁଟ, ଜଗତସିଂହପୁର ଜିଲ୍ଲାର ଧଳଟାନଗଡ଼ ପରିବେଶ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି । ରାଜ୍ୟରେ ବର୍ତ୍ତମାନ ୨୦ଟି ଜିଲ୍ଲାର ୫୦ଟି ପରିବେଶ ପର୍ଯ୍ୟଟନସ୍ଥଳର ବିକାଶ କରାଯାଇଛି ।

## ଚଡକ ପର୍ବ

ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ଚଡକ ପର୍ବ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଡକ ପର୍ବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ତା ଏପ୍ରିଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ପର୍ବ ଅନୁଷ୍ଠିତ ହେବ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁମାନେ  ଚଡ଼କ ପର୍ବରେ ସାମିଲ ହୋଇଥାନ୍ତି ।

# ପାଣିପାଗ

ଗୁରୁଚାପର ପ୍ରଭାବ କମିବା ପରେ ଗତକାଲିଠାରୁ ପାଗ ଶୁଷ୍କ ରହିବା ସହିତ ତାପମାତ୍ରା ବୃଦ୍ଧି ପାଇଛି । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର

ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନ ରହିଛି ।

..............................................................................